# ଆଜି ଅନୁଗୋଳରୁ ୧୭ ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୩୭୪ ରେ ।

ଅନୁଗୋଳ,ତା.୪.୮:- ଆଜି ଅନୁଗୋଳ ଜିଲ୍ଲାରୁ ୧୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ବଣ୍ଡାଁରପାଳ ଓ କିଶୋରନଗର ବ୍ଲକରୁ ୫ ଜଣ ଲେଖାଏଁ, ଅନୁଗୋଳ ପୌରାଞ୍ଚଳରୁ ୩ ଜଣ, ତାଳଚେର ଓ ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୨ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଣ୍ଡାଁରପାଳ ବ୍ଲକ୍ ଅଂଚଳରୁ ଚିହ୍ନଟ ହୋଇଥିବା ୫ ଜଣଙ୍କ ମଧ୍ୟରେ ୩ ଜଣ ପୁରୁଷଙ୍କ ବୟସ ଯଥାକ୍ରମେ ୧୮,୪୦ ଓ ୬୫ ହୋଇଥିବାବେଳେ ୨ ଜଣ ମହିଳାଙ୍କ ବୟସ ୨୮ ଓ ୫୭ ବର୍ଷ ଅଟେ । ଏମାନେ ସମସ୍ତେ ତାଂକ ଗ୍ରାମର ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ଚିହ୍ନଟ ହୋଇଛନ୍ତି ।

କିଶୋରନଗର ବ୍ଲକ୍ ଅଂଚଳର ୫ ଜଣ ଆକ୍ରାନ୍ତଂକ ମଧ୍ୟରେ ୪ ଜଣ ପୁରୁଷଙ୍କ ବୟସ ଯଥାକ୍ରମେ ୨୦,୨୫,୩୦ ଓ ୨୭ ବର୍ଷ ହୋଇଥିବାବେଳେ ସେମାନଂକ ମଧ୍ୟରେ ଜଣେ ୧୨ ବର୍ଷର ବାଳକ ଅଛନ୍ତି । ୨୫ ,୨୭ ବର୍ଷୀୟ ପୁରୁଷ ଓ ୧୨ ବର୍ଷର ବାଳକ ଗୋଟିଏ ପରିବାରର ଓ ସେମାନେ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ହୋଇଛନ୍ତି । ସେହିପରି ତାମିଲନାଡୁ ଫେରନ୍ତା ୨୦ ବର୍ଷୀୟ ପୁରୁଷ ଓ କଲିକତା ଫେରନ୍ତା ୩୦ ବର୍ଷୀୟ ପୁରୁଷ ଏହି ବ୍ଲକର ଏକ ଅସ୍ଥାୟୀ ମେଡିକାଲ ଶିବିରରେ ସଂଗରୋଧରେ ଥିବାବେଳେ ସେମାନଂକର ପଜିଟିଭ ବାହାରିଛି ।

ଅନୁଗୋଳ ପୌରାଂଚଳର ୨ଟି ପେଡ୍ କ୍ୱାରାଣ୍ଟାଇନ୍‌ରେ ରହୁଥିବା ୩ ଜଣଂକ ମଧ୍ୟରେ ଜଣେ ୪୨ ବର୍ଷୀୟ , ଜଣେ ୧୮ ବର୍ଷୀୟ ଓ ଜଣେ ୨୮ ବର୍ଷିୟ ପୁରୁଷ ଅଟନ୍ତି । ୪୨ ବର୍ଷିୟ ପୁରୁଷ ପଶ୍ଚିମବଂଗରୁ ଫେରିଥିବାବେଳେ ୧୮ ବର୍ଷିୟ ଓ ୨୮ ବର୍ଷିୟ ୨ ଜଣ ପୁରୁଷ ଆସାମରୁ ଫେରି ସଂଗରୋଧରେ ଥିବା ସମୟରେ ସେମାନଂକର ସ୍ୱାବ ନମୁନା ପରିକ୍ଷାରୁ ପଜିଟିଭ ଜଣାପଡିଛି ।

ତାଳଚେର ବ୍ଲକ୍ ଅଂଚଳରୁ ଚିହ୍ନଟ ହୋଇଥିବା ୨ ଜଣଂକ ମଧ୍ୟରେ ଜଣେ ୭୭ ବର୍ଷୀୟ ପୁରୁଷ ଓ ଜଣେ ୭୦ ବର୍ଷୀୟା ମହିଳା ନିଜ ଗ୍ରାମର ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ହୋଇଛନ୍ତି ।

ଛେଣ୍ଡିପଦା ବ୍ଲକ୍ ଅଂଚଳର ଏକ ଗ୍ରାମରୁ ଜଣେ ୩୪ ବର୍ଷୀୟ ବାଲେଶ୍ୱର ଫେରନ୍ତା ପୁରୁଷଙ୍କର ପଜିଟିଭ ବାହାରିଥିବାବେଳେ ଏହି ବ୍ଲକ୍ ଅଂଚଳର ଅନ୍ୟ ଜଣେ ୨୭ ବର୍ଷିୟ ଝାରଖଣ୍ଡ ଫେରନ୍ତା ପୁରୁଷଙ୍କର ମଧ୍ୟ ପଜିଟିଭ ବାହାରିଛି ।

ଆଜି ଚିହ୍ନଟ ହୋଇଥିବା ୧୭ ଜଣ ଆକ୍ରାନ୍ତଂକୁ ଚିକିତ୍ସା ନିମନ୍ତେ ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଏହି ୧୭ ଜଣ ଆକ୍ରାନ୍ତଂକୁ ମିଶାଇ ଜିଲ୍ଲାରେ ଆକ୍ରାନ୍ତଂକ ସଂଖ୍ୟା ୩୭୪ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୫୦୨ ତା.୪.୮.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୪/୮/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ